**ଥାନା କର୍ମଚାରୀଙ୍କୁ କରୋନା ଭୟ**

ନିରାକାରପୁର (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲାର ବାଣପୁର ଥାନାର କେତେଜଣ କର୍ମଚାରୀ କରୋନା ପଜଟିଭ୍ ଚିହ୍ନଟ ହେବା ପରେ ନିରାକାରପୁର ଥାନା ସମେତ ଅନ୍ୟ ଥାନାର କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏହି କ୍ରମରେ ନିରାକାର ଥାନା ପକ୍ଷରୁ ଥାନା ଭିତରକୁ ଯିବାକୁ ଦୁଇଟି ଫାଟକ ରହିଛି। ହେଲେ କରୋନା ଭୟରେ ବାଉଁଶରେ ବାଡ଼ ଦିଆଯାଇଛି। ଗେଟ ବନ୍ଦରଖିବା ସହ ବାଡ଼ ବାହାରେ ଅଭିଯୋଗ ପତ୍ର ରଖାଯାଉଛି। ଏ ସମ୍ପର୍କରେ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, ଡିଜିପିଙ୍କ ଚିଠି ଅନୁଯାୟୀ ଥାନା ଗେଟ ବନ୍ଦ କରିବା ସହ ବାଉଁଶରେ ଏକ ବାଡ଼ ଦିଆଯାଇଛି। ଅଭିଯୁକ୍ତଙ୍କୁ ଧରିବାକୁ ଯିବା ବେଳେ ହାତରେ ଗ୍ଲୋଭ୍ସ ପନ୍ଧିବା ସହ ହାତକୁ ସାନିଟାଇଜ୍ କରୁଛୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସ୍ୱେଚ୍ଛାସେବୀଙ୍କ ଘର ନିକଟରେ ବୋମାମାଡ଼

**କୋଣାର୍କ,୨୬।୭(ଡି.ଏନ୍.ଏ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୋଣାର୍କ ବସଷ୍ଟାଣ୍ଡ ନିକଟ ତାରିଣୀ କଲୋନୀରେ ରହୁଥିବା ସ୍ୱେଚ୍ଛାସେବୀ ମିନର୍ଭା ରାଉତଙ୍କ ବାସଭବନ ନିକଟରେ ଶନିବାର ରାତିରେ କେହି ଦୁର୍ବୃତ୍ତ ବୋମାମାଡ଼ କରିଥିବା ଅଭିଯୋଗ ହୋଇଛି। ଖବରପାଇ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଜମି ବିବାଦକୁ ନେଇ କେହି ଦୁର୍ବୃତ୍ତ ରାତି ପ୍ରାୟ ୧୨ଟା ୭ରେ ତାଙ୍କ ଘଟ ପଛ ପଟେ ବୋମାମାଡ଼ କରିଥିବା ମିନର୍ଭା ଜାଣିବାକୁ ପାଇଥିଲେ। ଏହା ପରେ ସେ ପୋଲିସକୁ ଖବର ଦେଇଥିଲେ। ଗୋପ ଥାନା ଅନ୍ତର୍ଗତ ସୋରଭା ଗ୍ରାମର ସଂଜୟ ସ୍ୱାଇଁଙ୍କ ସହିତ ଜମି ସମସ୍ୟାକୁ ନେଇ ପୂର୍ବ ଶତ୍ରୁତା ରହିଥିବା ମିନର୍ଭା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି, ସରକାରୀ ଜମିକୁ ନେଇ ଉଭୟ ପକ୍ଷ ମଧ୍ୟରେ ମତଭେଦ ରହିଛି। ଏ ସମ୍ପର୍କରେ ଦୁଇଟି ପୃଥକ୍ ମାମଲା (ନଂ.୯୨,୯୩/୨୦)ରୁଜୁ କରାଯାଇ ତଦନ୍ତ ଚାଲିଥିବା ସେ କହିଛନ୍ତି।

### ପିପିଲି ଥାନା ପରିଦର୍ଶନ କଲେ ଏସ୍‌ପି

**ପିପିଲି, ୨୬।୭(ଡି.ଏନ.ଏ):** ପୁରୀ ଏସ୍‌ପି ଅଖିଳେଶ୍ୱର ସିଂ ରବିବାର ଅଚାନକ ପିପିଲି ଥାନା ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ଥାନା ପରିସରସ୍ଥ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟକୁ ଯାଇ ସମସ୍ତ କାର୍ଯ୍ୟ ତଦାରଖ କରିବା ସହ ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ସହିତ ଆଲୋଚନା କରିଥିଲେ। ପରେ ପିପିଲି ଥାନାକୁ ଯାଇ ବିଭିନ୍ନ ଫାଇଲପତ୍ର ଯାଞ୍ଚ କରିବା ସହ ଆଇଆଇସି ଗୌରାଙ୍ଗ ପୃଷ୍ଟି ଏବଂ ଅନ୍ୟ ଅଧିକାରୀମାନଙ୍କୁ କାର୍ଯ୍ୟ ଦକ୍ଷତା ସମ୍ବନ୍ଧରେ ବୁଝାଇଥିଲେ। ଲୋକଙ୍କୁ କିପରି ଆହୁରି ଭଲ ସେବା ଯୋଗାଇହେବ ସେ ନେଇ ପରାମର୍ଶ ଦେଇଥିଲେ। ମୋ' ସରକାର କକ୍ଷ, ପୋଲିସ ବାରାକ୍, ମାଲ୍‌ଖାନା ଓ ଥାନା ବୁଲି ଦେଖିଥିଲେ। ଏହି ଅବସରରେ ଏସ୍‌ପିଙ୍କୁ ଏସ୍‌ଡିପିଓ ଏବଂ ଆଇଆଇସି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

# ପୋଲିସ ମୁଣ୍ଡରେ ବନ୍ଧୁକ

## ଭିଜିଲାନ୍ସ ଡିଏସ୍‌ପିଙ୍କଠାରୁ ଲୁଟ୍

**ଭୁବନେଶ୍ୱର,୨୬।୭ (ବ୍ୟୁରୋ)**



- ନୂଆ ଡିସିପିଙ୍କୁ ଲୁଟେରାଙ୍କ ନୂଆ ଚ୍ୟାଲେଞ୍ଜ
- ସୁନା ଚେନ୍, କାନ ଫୁଲ, ଚୁଡ଼ି ଲୁଟି ନେଲେ
- ୪ଦିନ ପୂର୍ବେ ଅନ୍ୟ ଜଣଙ୍କଠାରୁ ସମାନ ଢଙ୍ଗରେ ଲୁଟିଥିଲେ

ଭୁବନେଶ୍ୱର କମିଶନରେଟ ପୋଲିସ ଅଞ୍ଚଳରେ ଏବେ ଲୁଟେରାଙ୍କ ଉତ୍ପାତ ସୀମା ଟପିଛି। ବନ୍ଧୁକ ମୁନରେ ଦିନଦ୍ୱିପ୍ରହରରେ ଲୁଟ୍‌ପାଟ କରୁଛନ୍ତି। ପ୍ରତିଦିନ ସାଧାରଣ ଜନତାଙ୍କୁ ଲୁଟୁଥିବାବେଳେ ରବିବାର ଜଣେ ଉଚ୍ଚପଦସ୍ଥ ମହିଳା ପୋଲିସ ଅଧିକାରୀ ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ ଭିଜିଲାନ୍ସ ଡିଏସ୍‌ପି ତନୁଜା ମହାନ୍ତି। ଲୁଟେରାମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନାଗହଣା ଲୁଟି ନେଇଛନ୍ତି। ଖାରବେଳନଗର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ସ୍ଥାନୀୟ ୟୁନିଟ୍-୨ କିମ୍ବା ମାଳିସାହି ଅଞ୍ଚଳର କୌଣସି ଏକ ଗ୍ୟାଙ୍ଗ୍ ଏଥିରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ସେମାନଙ୍କୁ ଧରିବା ପାଇଁ ଡିସିପି ଉମାଶଙ୍କର ଦାଶଙ୍କ ନେତୃତ୍ୱରେ ସ୍ପେଶାଲ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରାଯାଇପାରିନି। ନିକଟରେ ଡିସିପି ଦାଶ ନୂଆ ଦାୟିତ୍ୱ ନେବା ପରେ ସହରରେ ଅପରାଧୀଙ୍କୁ ସାବାଡ଼୍ କରିବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିବା କହିଥିଲେ। ଏବେ ଲୁଟେରାମାନେ ବନ୍ଧୁକ ମୁନରେ ଖୋଦ୍ ଜଣେ ପୋଲିସ ଅଧିକାରୀଙ୍କଠାରୁ ଲୁଟ୍ କରି ତାଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଡିଏସ୍‌ପି ମହାନ୍ତି ରାଜଧାନୀର ହାଇ ସିକ୍ୟୁରିଟି ଜୋନ୍ କୁହାଯାଉଥିବା ଗାନ୍ଧୀମାର୍ଗର ସରକାରୀ କ୍ୱାର୍ଟର୍ସ ଆଇଭି-ବି୨୫/୩ରେ ରହୁଛନ୍ତି। ସେ ସବୁଦିନ ପରି ରବିବାର ସକାଳ ୬ଟା ୪୫ରେ ନିଜ କ୍ୱାର୍ଟର୍ସ ଆଗରେ ଝାଡୁ ମାରୁଥିଲେ। ହଠାତ୍ ଦୁଇଜଣ ମାସ୍କପିନ୍ଧା ଲୁଟେରା ଏକ ବାଇକରେ ଆସି ତନୁଜାଙ୍କ ଘର ନିକଟରେ ଅଟକିଥିଲେ। ବାଇକ ପଛରେ ବସିଥିବା ଜଣେ ଲୁଟେରା ବାଇକ୍‌ରୁ ଓହ୍ଲାଇ ଫୋନ୍‌ରେ କଥା ହୋଇ ସିଧା ତନୁଜାଙ୍କ ଆଡକୁ ଯାଇଥିଲେ। ସାର୍ କଥା ହେବେ କହି ଲୁଟେରା ଜଣକ ନିକଟତର ହେଉଥିବାବେଳେ ତନୁଜା ତାଙ୍କ ହାବଭାବ ଜାଣିପାରି ଭିତରକୁ ଯାଇ ଗେଟ ବନ୍ଦ କରୁଥିଲେ। ହେଲେ ଉକ୍ତ ଲୁଟେରା ଗେଟ୍‌କୁ ଠେଲି ଭିତରକୁ ପଶିଯାଇଥିଲେ। ତନୁଜାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପିନ୍ଧିଥିବା ସୁନା ଚେନ୍, କାନ ଫୁଲ, ଚୁଡ଼ି ଲୁଟି ନେଇଥିଲେ। ତନୁଜାଙ୍କ ଚିତ୍କାର ଶୁଣି ସ୍ୱାମୀ ବାହାରକୁ ଆସିବା ବେଳକୁ ଦୁଇ ଲୁଟେରା ଫେରାର ହୋଇଯାଇଥିଲେ। ଏହାପରେ ତନୁଜାଙ୍କ ଫୋନ୍ କଲ୍ ପାଇ ଥାନା ଅଧିକାରୀ ବିଏନ୍ ସେନାପତି, ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ କରିବା ସହ ତାଙ୍କ ବୟାନ ନେଇଥିଲେ।

୪ଦିନ ତଳେ ୟୁନିଟ-୩ ଅଞ୍ଚଳରେ ଦୁଇ ଲୁଟେରା ସମାନ ଢଙ୍ଗରେ ଜଣେ ବ୍ୟକ୍ତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଚେନ୍ ଲୁଟି ନେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏହାଛଡ଼ା ପ୍ରତିଦିନ ଏକାଧିକ ଲୁଟ୍ ହେଉଥିଲେ ମଧ୍ୟ ପୋଲିସ ସେପରି ପଦକ୍ଷେପ ନେଉ ନ ଥିବାରୁ ଅଧିକାଂଶ ଅଭିଯୋଗ ଥାନାକୁ ଯାଉ ନ ଥିବା ଜଣାପଡିଛି।

# ଆଇସୋଲେଶନରେ ଆଖି ବୁଜିଲେ ଶ୍ୱାସରୋଗୀ

**କଟକ ଅଫିସ,୨୬।୭**

## ୩୬ ଘଣ୍ଟା ଧରି ଚିକିତ୍ସା ମିଳିଲାନି

- ପରିବାର ଲୋକଙ୍କ ଅଭିଯୋଗ
- ରିପୋର୍ଟ ନେଗେଟିଭ, ଡାକ୍ତର କହିଲେ କରୋନା ପଜିଟିଭ
- ମୃତ୍ୟୁର କାରଣ ସ୍ପଷ୍ଟ କରୁନାହାନ୍ତି ମେଡିକାଲ କର୍ତ୍ତୃପକ୍ଷ

ଚିକିତ୍ସା ଅବହେଳାରୁ ଜଣେ ଶ୍ୱାସରୋଗୀ ପ୍ରାଣ ହରାଇଛନ୍ତି। ଗୁରୁତର ହୋଇ ଏସ୍‌ସିବି ମେଡିକାଲକୁ ଆସିବା ପରେ ତାଙ୍କର ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। ପରେ ସେ ଆଇସୋଲେଶନରେ ଭର୍ତ୍ତି ହୋଇଥିଲେ। ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି ଚିକିତ୍ସା କରା ନ ଯିବାରୁ ଶେଷରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କନ୍ଦରପୁର ଅଞ୍ଚଳର ଦୀପକ ରଞ୍ଜନ ପରିଡ଼ା (୪୫)। ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଛି ବୋଲି ଦୀପକଙ୍କ ଭାଇ ମାନସ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଦୀପକ ଜଣେ ଶ୍ୱାସରୋଗୀ। ଗୁରୁବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ଅପରାହ୍ନରେ ଏସ୍‌ସିବି କାଜୁଆଲିଟିକୁ ଆଣିଥିଲେ। ସେଠାରେ ପ୍ରଥମେ ଆଣ୍ଟିଜେନ ଟେଷ୍ଟ ହେବ ବୋଲି କୁହାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିଲେ ମଧ୍ୟ ପରିବାର ଲୋକେ ଡାକ୍ତରଙ୍କ କଥା ମାନିଥିଲେ। ଆଣ୍ଟିଜେନ ଟେଷ୍ଟ ପରେ ଦୀପକଙ୍କୁ ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯିବା ବେଳେ ସେଠାକୁ କାହିଁକି ନିଆଯାଉଛି ବୋଲି ପରିବାର ଲୋକ ପ୍ରଶ୍ନ କରିଥିଲେ। ଦୀପକ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣେ ଡାକ୍ତର କହିଥିବା ମାନସ କହିଛନ୍ତି। ଦୀପକଙ୍କ ଆଣ୍ଟିଜେନ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଥିଲା। ଆଇସୋଲେଶନକୁ ଯିବା ପରେ ଦୀପକଙ୍କ ଅବସ୍ଥା ଗୁରୁତର ହେବାକୁ ଲାଗିଲା। ପରେ ସେ କଥାବାର୍ତ୍ତା ବନ୍ଦ କରିଦେଲେ। ଶେଷରେ ଶନିବାର ଭୋର ୫ଟା ୩୦ରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତରମାନେ ପରିବାର ଲୋକଙ୍କୁ କହିଥିଲେ। କଟକ ମହାନଗର ନିଗମ (ସିଏମ୍‌ସି) ସହାୟତାରେ କଟକରେ ହିଁ ଦୀପକଙ୍କ ଶେଷକୃତ୍ୟ ହୋଇଥିଲା। ଦୀପକଙ୍କ ମୃତ୍ୟୁ କେଉଁ କାରଣରୁ ହୋଇଛି, ତାହା ପରିବାର ଲୋକଙ୍କୁ ଲୁଚାଯାଉଛି ବୋଲି ଭାଇ ମାନସ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଦୀପକଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଛି। ରିପୋର୍ଟ ନେଗେଟିଭ ଆସିଥିବା ସତ୍ତ୍ୱେ ତାଙ୍କୁ ମଧ୍ୟ ଆଇସୋଲେଶନରେ ଭର୍ତ୍ତି କରାଯାଇଛି। ଏନେଇ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅନ୍ନଦା ପ୍ରସାଦ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ କରି ନ ଥିଲେ।



ଭୁବନେଶ୍ୱର ଉପକଣ୍ଠ ବାଳକାଟୀ ପଞ୍ଚାୟତ ରୋଡ୍ ପାର୍ଶ୍ୱ ଏକ ଜମିରେ ହେଉଥିବା ଧାଡ଼ିରୁଆ କାର୍ଯ୍ୟରେ ନିୟୋଜିତ ମହିଳା କୃଷି ଶ୍ରମିକମାନେ।

# ବାପା, ବଡ଼ପୁଅ ଛୁରାମାଡ଼ରେ ସାନପୁଅ ଗୁରୁତର

**ବାଳକାଟୀ,୨୬।୭(ଡି.ଏନ୍.ଏ.)**

ବାଳକାଟୀ ଫାଣ୍ଡି ଅନ୍ତର୍ଗତ ପ୍ରଧାନସାହିରେ ପାରିବାରିକ କଳହକୁ କେନ୍ଦ୍ରକରି ବାପ ଓ ବଡ଼ପୁଅ ଛୁରାମାଡ଼ରେ ସାନପୁଅ ପୂର୍ଣ୍ଣଚନ୍ଦ୍ର ସାହୁ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ପୂର୍ଣ୍ଣଚନ୍ଦ୍ରଙ୍କ ବାପା ଓ ତାଙ୍କ ଭାଇକୁ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶନିବାର ରାତିରେ କୌଣସି କାରଣକୁ ନେଇ ପୂର୍ଣ୍ଣଚନ୍ଦ୍ର ପରିବାର ଲୋକଙ୍କ ସହ ପାଟିତୁଣ୍ଡ କରି ମାରପିଟ୍ କରିଥିଲେ। ତାଙ୍କ ବାପା ଓ ବଡ଼ଭାଇ ବିରୋଧ କରିବାରୁ ପୂର୍ଣ୍ଣଚନ୍ଦ୍ର ସେମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ତାଙ୍କ ବାପା ଓ ବଡ଼ଭାଇ ଏକ ଛୁରିରେ ପୂର୍ଣ୍ଣଚନ୍ଦ୍ରଙ୍କ ପେଟକୁ ଭୁଷିଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ଗୁରୁତର ହେବାରୁ ଚିକିତ୍ସା ପାଇଁ ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଫାଣ୍ଡି ପୋଲିସ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ପୂର୍ଣ୍ଣଚନ୍ଦ୍ରଙ୍କ ବାପା ଓ ତାଙ୍କ ଭାଇଙ୍କ ସମେତ ୪ଜଣଙ୍କୁ ଆଣି ଅଟକ ରଖିଥିଲେ। ଏହା ପରେ ଅନ୍ୟ ୨ଜଣଙ୍କୁ ପୋଲିସ ଛାଡ଼ିଦେଇଥିବା ଜଣାପଡ଼ିଛି। ଏ ନେଇ ବାଲିଅନ୍ତା ଥାନା ଅଧିକାରୀ ପ୍ରଦୀପ ରାଉତ କହିଛନ୍ତି, ଏ ସମ୍ପର୍କରେ ଏକ ମାମଲା (ନଂ.୧୪୯/୨୦)ରୁଜୁ ହେବା ସହ ଗୁରୁତରଙ୍କ ବାପା ଓ ବଡ଼ଭାଇଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# ରକ୍ତଦାନ କାର୍ଯ୍ୟକ୍ରମ ସଫଳତା ଲୋଡ଼ିଲା 'ଓଡ଼ିଶା ମୋ ପରିବାର'

**ଭୁବନେଶ୍ୱର,୨୬।୭(ବ୍ୟୁରୋ)**

ରାଜ୍ୟରେ ରକ୍ତ ଅଭାବ ପୂରଣ ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ଏକ ବଡ ମାଧ୍ୟମ। ସମ୍ପ୍ରତି କୋଭିଡ୍ କଟକଣା ଯୋଗୁ ଏହି ସମସ୍ୟା ଉତ୍କଟ ହୋଇଛି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ 'ଓଡ଼ିଶା ମୋ ପରିବାର' ରକ୍ତ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛି। ରାଜ୍ୟରେ ବର୍ଷକୁ ୧ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଧାୟକ, ଏମ୍‌ପି ଓ ଜନ ପ୍ରତିନିଧି ତଥା ସାମାଜିକ ସଙ୍ଗଠନ ଏ ଦିଗରେ ଆଗେଇ ଆସିବାକୁ ଅନୁରୋଧ କରାଯାଇଛି। 'ଓଡ଼ିଶା ମୋ ପରିବାର' ପକ୍ଷରୁ ଆବାହକ ଅରୂପ ପଟ୍ଟନାୟକ, ମୁଖ୍ୟ ସଂଯୋଜକ ଦେବୀ ପ୍ରସାଦ ମିଶ୍ର ଓ ସହ ମୁଖ୍ୟ ସଂଯୋଜକ ଅତନୁ ସବ୍ୟସାଚୀ ନାୟକ ପ୍ରକାଶ କରିଛନ୍ତି। ମୁଖ୍ୟ ସଂଯୋଜକ ମିଶ୍ର 'ଓଡ଼ିଶା ମୋ ପରିବାର- ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ସମ୍ପର୍କରେ କହିଲେ, କୋଭିଡ୍ କଟକଣା ସତ୍ତ୍ୱେ ୨୦ ହଜାର ୟୁନିଟ୍ ରକ୍ତ 'ଜୀବନ ବିନ୍ଦୁ' ମାଧ୍ୟମରେ ସଂଗ୍ରହ କରାଯାଇଛି। ଯାଜପୁରରେ ପ୍ରତି ରବିବାର 'ଜୀବନ ବିନ୍ଦୁ' ଶିବିର ହେଉଛି। ଥାଲାସେମିଆ, ସିକିଲସେଲ୍, ହେମୋଫିଲିଆ ରୋଗୀଙ୍କ ଆବଶ୍ୟକତାକୁ ମେଣ୍ଟାଇବାକୁ ରକ୍ତଦାନକୁ ଅଭିଯାନ ଭାବେ ନେବାଲାଗି ପଟ୍ଟନାୟକ ନିବେଦନ କରିଛନ୍ତି।

# ୨ କିଡ୍‌ନୀ ଅଚଳ, ଶଯ୍ୟାଶାୟୀ ବିଦୂର

- ଚିକିତ୍ସାରେ ଅର୍ଥାଭାବ ବାଧକ
- ପ୍ରଶାସନକୁ ଜଣାଇ ନିରାଶ

**ଖୋର୍ଦ୍ଧା ଅଫିସ,୨୬।୭**



ଖୋର୍ଦ୍ଧା ବ୍ଲକ ଟାଙ୍ଗୋଲ ଗ୍ରାମର ବିଦୂର ରଥଙ୍କ ୨ଟି ଯାକ କିଡ୍‌ନୀ ଖରାପ ହୋଇଯାଇଥିବାରୁ ଏବେ ଶଯ୍ୟାଶାୟୀ। ତାଙ୍କ ଚିକିତ୍ସାରେ ଅର୍ଥାଭାବ ବାଧକ ସାଜିଛି। ଚିକିତ୍ସା ପାଇଁ ବହୁ ଧାରକରଜ କରିଥିବା ବେଳେ କରୋନା ଯୋଗୁ ୪ମାସ ହେଲା ସବୁ ଠପ୍। ଫଳରେ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ନିଜର ଅସୁସ୍ଥତା ସାଙ୍ଗକୁ ଧାରକରଜ ଓ ପରିବାର ଚିନ୍ତା ତାଙ୍କୁ ମାନସିକ ସ୍ତରରେ ଭାଙ୍ଗି ଦେଇଛି। ବିଦୂରଙ୍କ ପରିବାର କହିଲେ ମା, ବାପା, ସ୍ତ୍ରୀ ଏବଂ ଦୁଇ ଝିଅ। ତାଙ୍କ ବାପା କାଶୀନାଥ କହିଛନ୍ତି, 'ବିଦୂର କଷ୍ଟେମଷ୍ଟେ ପରିବାର ଚଳାଉଥିଲେ। କିନ୍ତୁ କିଛି ମାସ ତଳେ ତାଙ୍କ ଦେହ ଖରାପ ହେବାରୁ ମେଡିକାଲ ନେଇଥିଲୁ। ଚିକିତ୍ସା ବେଳେ ଏକ କିଡ୍‌ନୀ ଖରାପ ହୋଇଥିବା ଜଣାପଡ଼ିଥିଲା। ଚିକିତ୍ସା ଲାଗି ଅଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହିଲେ। ତେଣୁ ଧାରକରଜ କରି ଚିକିତ୍ସା ଆରମ୍ଭ କରିଥିଲୁ। ତେବେ ସମୟାନୁସାରେ ଅର୍ଥ ଯୋଗାଡ଼ କରିପାରିଲୁ ନାହିଁ। ପରବର୍ତ୍ତୀ ସମୟରେ ପୁଣି ତାଙ୍କର ଆଉ ଏକ କିଡ୍‌ନୀ ଖରାପ ହୋଇଗଲା। ଏଥିଯୋଗୁ ସେ ଏବେ ଶଯ୍ୟାଶାୟୀ। ଏ ନେଇ ପ୍ରଶାସନ ପାଖକୁ ଦୌଡ଼ି ଦୌଡ଼ି ନିରାଶ ହେଲୁଣି। ଏବେ କେବଳ ଭଗବାନ ହିଁ ଭରସା।' ସେହିପରି ବିଦୁରଙ୍କ ସମ୍ପର୍କୀୟ ହରିବନ୍ଧୁ ଦାସ କହିଛନ୍ତି, ତାଙ୍କ ୨ ଝିଅଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲିହୋଇଯାଇଛି। ମା ଓ ବାପା ବୟସାଧିକ ଯୋଗୁ କାମଦାମ କରି ପାରୁନାହାନ୍ତି। ୫ ପ୍ରାଣୀଙ୍କୁ ପୋଷିବା ଚିନ୍ତାର କାରଣ ହୋଇଛି। ଏହି ପରିବାରକୁ ପ୍ରଶାସନ ସହାୟତା ଯୋଗାଇଦେବା ଆବଶ୍ୟକ। ଏ ନେଇ ଉପଜିଲାପାଳ ଅଶୋକ ବେଉରିଆ କହିଛନ୍ତି, ଜିଲାପାଳଙ୍କ ସହ ଆଲୋଚନା କରି ବିଦୂରଙ୍କୁ ସହାୟତା ଯୋଗାଇଦେବା ଲାଗିପଦକ୍ଷେପ ନିଆଯିବ।

# କଟକ ସହରରୁ ୬୬, ଜିଲାରୁ ୧୨୫ ପଜିଟିଭ

**କଟକ ଅଫିସ,୨୬।୭:** କଟକ ସହରରୁ ରବିବାର ୬୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଖଟବିନ୍ ସାହିସ୍ଥିତ ବିଗିଡ଼ିବାରେ ଲାଗିଛି। ରବିବାର ଏଠାରୁ ୨୮ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଏହି ସାହିର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୫ରେ ପହଞ୍ଚିଛି। ବର୍ତ୍ତମାନ ସାହିରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଉଛି। ଅପରପକ୍ଷେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ୨ ଜଣ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଛନ୍ତି। ସେହିପରି ଏମ୍‌ଏସ୍ ଦାସ ସାହିରୁ ଆଉ ୮ଜଣ ଚିହ୍ନଟ ହୋଇଥିବା ବେଳେ ଦେୱାନ୍ ବଜାରରୁ ୩, ଜଗତପୁରରୁ ୩, ମଙ୍ଗଳାବାଗରୁ ୨, ଖାନ୍‌ନଗରରୁ ୨, ନେତାଜିନଗରରୁ ୪, ଗଣ୍ଡରପୁରରୁ ୪, ବାଦାମବାଡ଼ି, ବଙ୍ଗାଳି ସାହି, ସିଡିଏ ସେକ୍ଟର-୭, ସିଏମ୍‌ସି କାର୍ଯ୍ୟାଳୟ ନିକଟ, ଘରୋଇ ହୋଟେଲ, ବକ୍ସି ବଜାର, ନୂଆବଜାର, ହାଇକୋର୍ଟ ଛକ, ବୋଷ୍ ପୁରୁଣା ହଷ୍ଟେଲ୍‌ରୁ ଜଣେ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଏସ୍‌ସିବି ଆଇସୋଲେଶନ ୱାର୍ଡରୁ ୨୦ ଓ କାଜୁଆଲିଟିରୁ ଜଣେ ଆକ୍ରାନ୍ତ ବାହାରିଛନ୍ତି। ଅପରପକ୍ଷେ କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକରୁ ୨୪, ବାଙ୍କିରୁ ୧୩, ବଡ଼ମ୍ବାରୁ ୪, ମାହାଙ୍ଗା, କାନ୍‌ପୁର, ସଦର, ଟାଙ୍ଗୀ, ବାରଙ୍ଗ ଓ ଆଠଗଡ଼ରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। କଟକ ଜିଲାରୁ ରବିବାର ମୋଟ ୧୨୫ ଚିହ୍ନଟ ହୋଇଛନ୍ତି।

# ଗୋଦାମରେ ଫିମ୍ପି ମାରିଲାଣି ଅତ୍ୟାବଶ୍ୟକ ସାମଗ୍ରୀ

**ଭୁବନେଶ୍ୱର, ୨୬।୭(ବ୍ୟୁରୋ)**

## ଚିନ୍ତାରେ ୟୁନିଟ୍-୪ ହାଟ ବ୍ୟବସାୟୀ

- ହାଟ ସିଲ୍ କରି ଦାୟିତ୍ୱ ସାରିଛି ବିଏମ୍‌ସି
- ଏସ୍‌ଓପି ଜାରିକରି ବ୍ୟବସାୟକୁ ଅନୁମତି ଦେବାକୁ ନିବେଦନ କଲା ସଂଘ

ଅନିଶ୍ଚିତତାରେ ୟୁନିଟ୍-୪ ମାର୍କେଟ ବ୍ୟବସାୟୀଙ୍କ ଭବିଷ୍ୟତ। ୧୦ଦିନ ହେବ ହାଟ ସିଲ୍ ହୋଇ ରହିଥିବାରୁ ହଜାରେରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଓ ଗୋଦାମ ମାଲିକ ନାନା ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଗୋଟିଏ ପଟେ କରୋନା ଦାଉକୁ ଅନ୍ୟପଟେ ବିଏମ୍‌ସି ଅଧିକାରୀଙ୍କ ଅବହେଳା ଚିନ୍ତା ବଢ଼ାଇଛି। ସମସ୍ତ ବ୍ୟବସାୟୀଙ୍କ କୋଭିଡ୍ ଟେଷ୍ଟ କରାଯାଉ ନି କି ବଜାର ଖୋଲିବାକୁ ଅନୁମତି ମିଳୁନି। ଫଳରେ ଗୋଦାମ ଓ ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ଫିମ୍ପି ମାରିଲାଣି।

ୟୁନିଟ୍-୪ ଭୌମନଗର ହାଟ ସଂଘର ସାଧାରଣ ସମ୍ପାଦକ ବଦ୍ରିନାରାୟଣ ମିଶ୍ର ବ୍ୟବସାୟୀଙ୍କ ବ୍ୟବସାୟିକ ଓ ପାରିବାରିକ ସ୍ଥିତିକୁ ନେଇ ବେଶ୍ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, ହାଟ ଖୋଲିବା ନେଇ ବିଏମ୍‌ସି ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥଙ୍କୁ ପଚାରିବାରୁ ଦାୟିତ୍ୱ ତାଙ୍କର ନୁହେଁ, ମାର୍କେଟ ବିଭାଗ ଦାୟିତ୍ୱ ତୁଲାଉଥିବା କହୁଛନ୍ତି। ଏପଟେ ମାର୍କେଟ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିପାରୁନି। ୟୁନିଟ୍- ୧ ହାଟ ଓ ମାର୍କେଟ ବିଲ୍ଡିଂ ପରି ଆମ ହାଟ ପାଇଁ ଏସ୍‌ଓପି ଜାରି କରାଯାଉ। ତାହାକୁ ମାନି ବ୍ୟବସାୟୀମାନେ ଦୋକାନ ଖୋଲିବେ ବୋଲି ମିଶ୍ର ନିବେଦନ କରିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି, ହାଟର କେବଳ ମାଛ ଗଦିରୁ ପଜିଟିଭ୍ ବାହାରିଛନ୍ତି। ମାଛ ମାର୍କେଟ ପାଇଁ ପୂରା ହାଟ ଓ ଆଖପାଖ ଅଞ୍ଚଳରେ ଛୋଟମୋଟ ଦୋକାନ କରି ପେଟପୋଷୁଥିବା ବ୍ୟବସାୟୀଙ୍କ ଦାନାପାଣି ବନ୍ଦ କରିବା ଠିକ୍ ନୁହେଁ। ଗୋଦାମରେ ଥିବା ଚାଉଳ, ଡାଲି, ଚୁଡ଼ା, ମୁଢ଼ି ସହ ଅତ୍ୟାବଶ୍ୟକ ଜିନିଷ ନଷ୍ଟ ହେବାକୁ ବସିଲାଣି। ଯଦି ତୁରନ୍ତ ସମସ୍ୟାର ସମାଧାନ କରା ନ ଯାଏ ତେବେ ବିଏମ୍‌ସିକୁ ହଜାର ହଜାର ବ୍ୟବସାୟୀଙ୍କ ଆକ୍ରୋଶର ଶିକାର ହେବାକୁ ପଡିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ବଜାର କେବେ ଖୋଲିବ ସେନେଇ ବିଏମ୍‌ସି କମିଶନର ଓ ମାର୍କେଟ ଅଧିକାରୀ ନିଷ୍ପତ୍ତି ନେବେ ବୋଲି ଦକ୍ଷିଣ ପୂର୍ବ ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି। ସେହିଭଳି ଖୁବ୍‌ଶୀଘ୍ର ଏନେଇ ଆଲୋଚନା କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ସୂଚନାଯୋଗ୍ୟ, ୟୁନିଟ୍-୪ ହାଟରୁ ଦୁଇ ଦିନରେ ୭ ପଜିଟିଭ୍ ଚିହ୍ନଟ ହେବାପରେ ଗତ ୧୭ ତାରିଖରେ ବିଏମ୍‌ସି ତାହାକୁ ସିଲ୍ କରିଥିଲା। ଏହାର ୮ ଦିନ ପରେ ହାଟର ମାଛ ଗଦିର ୧୦୦ଜଣ ବ୍ୟବସାୟୀଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା। ହେଲେ ଅନ୍ୟ ବ୍ୟବସାୟୀଙ୍କର କେବେ ଟେଷ୍ଟ ହେବ ଓ ହାଟ ଖୋଲିବ ତାହାକୁ ସମସ୍ତେ ଚାହିଁ ରହିଛନ୍ତି।

NATIONAL HEALTH MISSION

**OFFICE OF THE CDM & PHO, ANGUL**

No.1792 Date 24.07.2020

**WALK-IN-INTERVIEW UNDER COVID-19**

A walk in interview shall be conducted for the post of Paramedics to be engaged in COVID CARE HOME (CCH)/COVID GRUHAs at Panchayat level of Angul District. The details is as mentioned below.

| Sl. No. | Name of the post | Vacancy | Per day honorarium in (Rs.) | Eligibility | Date, time & venue of Walk-in-Interview | Mode of selection |
|---|---|---|---|---|---|---|
| 1. | MPHW(F) | 229 | Rs.850/- only | Unemployed Trained and Registered MPHW (F) | 05.08.2020 at 10.00 A.M. in Govt. High School, Angul | Career and Interview |

The eligible candidates of Angul district are hereby informed to attend the walk-in-interview on the above mentioned Date, Time & Venue with the following document. (Original with a set of self attested Photocopies of the original documents).

1. Completely filled up application from as available in the district website i.e. www.angul.nic.in.
2. Certificates in support of Educations (10th and 10+2 Certificate and Mark sheet).
3. Certificate in support of Technical Qualification (Pass Certificate of Auxiliary Nurse & Midwives Examination (ANM) & Certificate of Registration of Odisha Nurses & Midwives Council)
4. Medical fitness Certificate.
5. Documents in support of Age Proof.
6. Identity Proof.
7. Residence Certificate
8. Two recent color pass port size photographs.

The engagement is purely temporary, for a period of 03 (three) months only or till COVID CARE HOMEs are functional, whichever is earlier, keeping in view the emergency situation arising due to COVID-19. The engagement is terminable at any period of time without assigning any reason thereof. Further, such engagement does not confer any right on the engagee for any future engagement/regularization of such engagement. In view of spreading of COVID-19 the candidates are only allowed inside the campus of the venue and with proper mask, hand sanitization and they should maintain adequate distance from each other while appearing in the walk-in-interview. The undersigned is not responsible for any transport delay and the candidates appearing in the walk-in-interview are not permissible for any TA/DA. No ORV Rules to be implemented for the selection of the candidates as it is a temporary engagement. Personal correspondence regarding of the above walk-in-interview is strictly prohibited. Candidates are strictly informed not to submit their application and other documents over E-mail/Postal/Courier etc. Typographical error (if any) may be exempted

Sd./-
**Chief District Medical & Public Health Officer, Angul**

## ଗୁଳି ବିନିମୟ: ହାର୍ଡକୋର୍ ମାଓବାଦୀ ନିହତ

ମାଲକାନଗିରି/ଚିତ୍ରକୋଣ୍ଡା,୨୬।୭ (ଡି.ଏନ୍.ଏ./ସ୍ୱ.ପ୍ର.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ପଣସପୁଟ ପଞ୍ଚାୟତ ସୀମାନ୍ତ ଚିତ୍ରକୋଣ୍ଡା ଆନ୍ନାଭାରାମ ପୋଲିସ ଷ୍ଟେଶନ ନିକଟସ୍ଥ ଗୁଜେଡି ଜଙ୍ଗଲରେ ରବିବାର ସକାଳେ ମାଓବାଦୀ ଏବଂ ଆନ୍ଧ୍ର ଗ୍ରେହାଉଣ୍ଡ ପୋଲିସ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ହାର୍ଡକୋର ମାଓବାଦୀ ପାଙ୍ଗି ଦୟା ନିହତ ହୋଇଛନ୍ତି। ସେ ଆନ୍ଧ୍ରପ୍ରଦେଶର ଜି. ମାଦୁଗୁଲା ମଣ୍ଡଳ ଅଞ୍ଚଳର ବୋଲି ଜଣାପଡିଛି। ସେ ୬ବର୍ଷ ଧରି ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ପୋଲିସର ଏହି ଅପରେଶନ ବେଳେ ୪ଜଣ ହାର୍ଡକୋର ମାଓବାଦୀ ଖସିଯାଇଛନ୍ତି।

## ସଂକ୍ଷେପରେ

### କୁକୁଡ଼ାଙ୍ଗ ପଞ୍ଚାୟତ ଶଟ୍‌ଡାଉନ୍

**ଅନୁଗୋଳ ଅଫିସ୍, ୨୬।୭:** କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଅନୁଗୋଳ ଜିଲା କୁକୁଡ଼ାଙ୍ଗ ପଞ୍ଚାୟତର ୭ଟି ରାଜସ୍ୱ ମୌଜାକୁ ସୋମବାରଠାରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ୍ କରିବାକୁ ସରପଞ୍ଚ ପ୍ରତାପ ସେନାପତି ଘୋଷଣା କରିଛନ୍ତି। ପଞ୍ଚାୟତର ଏକ ଘରିଆ, ଟେଣ୍ଟୋଇ, ଟେଣ୍ଟୋଲୋଇ, ରଙ୍ଗାସିଂହା, ରଜନୀପାଳ, ରାଇପୁର, କୁକୁଡ଼ାଙ୍ଗ ଗ୍ରାମଗୁଡ଼ିକ ସମ୍ପୂର୍ଣ୍ଣ କଟକଣାରେ ରହିବ। ଏହି ସମୟରେ ଅନ୍ୟ ଅଞ୍ଚଳର ଲୋକଙ୍କୁ କୁକୁଡ଼ାଙ୍ଗରେ ପ୍ରବେଶ ନିଷେଧ କରାଯିବା ସହ ଦୋକାନ ବଜାର ବନ୍ଦ ରଖାଯିବ। କେବଳ ଗ୍ରୋସରୀ ଦୋକାନ ସକାଳ ୭ଟାରୁ ଦିନ୧୦ ପର୍ଯ୍ୟନ୍ତ ଖୋଲା ରହିବ। ଏ ନେଇ କୁକୁଡ଼ାଙ୍ଗ ସରପଞ୍ଚ ଜିଲାପାଳ, ଅନୁଗୋଳ ଉପଜିଲାପାଳ, ବଁଅରପାଳ ବିଡିଓ, ବଁଅରପାଳର ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଅବଗତ କରିଥିବା ଜଣାଇଛନ୍ତି।

### ଭାଲୁ ଆକ୍ରମଣରେ ୨ ଗୁରୁତର

**ଛେଣ୍ଡିପଦା/ କାମାକ୍ଷାନଗର, ୨୬।୭ (ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ ପାତ୍ରପଡା ଗ୍ରାମର ଚିତ୍ତରଞ୍ଜନ ଦାସ(୩୦) ଶନିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଛେଣ୍ଡିପଦାର ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଛି। ଚିତ୍ତରଞ୍ଜନ ଜଣେ ସାଙ୍ଗଙ୍କ ସହ ବାଇକ୍‌ରେ ପାତ୍ରପଡାସ୍ଥିତ ମା ବାୟାଣୀପୀଠରୁ ରାତିରେ ଫେରୁଥିଲେ। ରାସ୍ତାରେ କିଛି ସମୟ ପାଇଁ ଅଟକି ଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେହିପରି କେନ୍ଦୁଝର ଜିଲା ତେଲକୋଇ ଥାନା ବୀରବରପୁର ଗ୍ରାମର ନୟନୀ ମହାନ୍ତ (୨୨) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ଘର ପଛପଟ ବାଡ଼ିକୁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ୮ ଜୁଆଡି ଅଟକ, ୯ ବାଇକ୍ ଜବତ

**ଅନୁଗୋଳ ଅଫିସ୍, ୨୬।୭:** ଅନୁଗୋଳ ଜିଲାରେ ଶନିବାର ଓ ରବିବାର ଶଟ୍‌ଡାଉନ ଜାରି ଥିବାବେଳେ ଲିଙ୍ଗରାଯୋଡ଼ି ପମ୍ପହାଉସ୍‌ଠାରେ ଥିବା ଏକ ଜଙ୍ଗଲରେ ରବିବାର ଜୁଆ ଖେଳାଳି ଆଡ୍ଡା ଜମାଇଥିଲେ। ଖବରପାଇ ଅନୁଗୋଳ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଚଢ଼ାଉ କରି ୮ ଜଣଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ୯ଟି ବାଇକ୍, ଟଙ୍କା ଓ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇ ଅନୁଗୋଳ ଥାନାକୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରୁ ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି। ସ୍ପେଶାଲ ସ୍କ୍ୱାଡ୍ ଏସ୍‌ଆଇ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲା। ଖବରଲେଖା ହେବା ପର୍ଯ୍ୟନ୍ତ ଥାନାରେ ଏ ସଂକ୍ରାନ୍ତରେ କୌଣସି ମାମଲା ହୋଇ ନ ଥିବା ଜଣାପଡ଼ିଛି।

### ରୋଷେଇ ନିଆଁରେ ମହିଳା ଗୁରୁତର

**ଅନୁଗୋଳ ଅଫିସ୍, ୨୬।୭:** ଢେଙ୍କାନାଳ ଜିଲା ଦୁଦୁରୁକୋଟ ଗ୍ରାମର ତପନ ମାଝିଙ୍କ ସ୍ତ୍ରୀ ରୁବିତା ମାଝି(୨୬) ରବିବାର ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରୁବିତା ରାଷେଇ ପାଇଁ ବସିଥିବାବେଳେ ଚୁଲି ନ ଜଳିବାରୁ ତାଙ୍କ ସାନ ଝିଅ ସେଥିରେ ପେଟ୍ରୋଲ ଢାଳି ଦେଇଥିଲେ। ସେଥିରୁ ଅଗ୍ନି ସଂଯୋଗ ହୋଇ ରୁବିତା ଗୁରୁତର ହୋଇଥିଲେ।

### ପୋଖରୀରେ ବୁଡ଼ି ଯୁବକ ମୃତ

**କାମାକ୍ଷାନଗର, ୨୬।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବିଜାଡ଼ିହି ଗ୍ରାମର ରବି ପ୍ରଧାନଙ୍କ ପୁଅ ସମୀର (୨୫)ଙ୍କ ରବିବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ମଧ୍ୟାହ୍ନରେ ଗାଧୋଉଥିବାବେଳେ ଅସାବଧାନତାରୁ ବୁଡ଼ିଯାଇଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

### ଦୃଷ୍ଟିହୀନଙ୍କୁ ମିଳିଲା ରାଶନ

**କଣିହାଁ, ୨୬।୭(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ବଡଗୁଣ୍ଡୁରୀ ପଞ୍ଚାୟତ ବଡହୀରା ଗ୍ରାମର ଦୃଷ୍ଟିହୀନ ଉପାସୀ ନାଏକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ଗତ ୧୪ ତାରିଖରେ 'ଭଣ୍ଡା ଦେଇ ରାଶନ କାଟିଦେଲେ' ଶୀର୍ଷକରେ ଉପାସୀଙ୍କ ସମସ୍ୟା ସମ୍ପର୍କିତ ଖବର 'ଧରିତ୍ରୀ'ରେ ପ୍ରକାଶ ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଥିଲା।

# ହାତୀ ଫେରିଲେ ପଶୁଛି ଛନକା



**ବଇଣ୍ଡା, ୨୬।୭ (ପରିକ୍ଷିତ ସାହୁ)**

- ରେଢ଼ାଖୋଲ ବନାଞ୍ଚଳରୁ ହଣ୍ଡପା ରେଞ୍ଜକୁ ପଶିଆସୁଛନ୍ତି
- ୭ ବର୍ଷରେ ଗଲାଣି ୮ ଜଣଙ୍କ ଜୀବନ
- ୧୦୧୭ ଏକର ଜମିରେ ହୋଇଛି ଫସଲ ନଷ୍ଟ

ଅନୁଗୋଳ ଜିଲା ହଣ୍ଡପା ରେଞ୍ଜରେ ଥମୁନି ହାତୀ ଉପଦ୍ରବ। ରେଢାଖୋଲ ବନାଞ୍ଚଳରୁ ଏକ ହାତୀପଲ ହଣ୍ଡପା ରେଞ୍ଜକୁ ବାରମ୍ବାର ପଶିଆସି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ଗତ ୭ ବର୍ଷ ମଧ୍ୟରେ ୧୦୧୭ ଏକର ଜମିରେ ଫସଲ ନଷ୍ଟ କରିଛନ୍ତି। ଉକ୍ତ ପଲରେ ଥିବା ଏକ ଦନ୍ତା ୮ ଜଣଙ୍କ ଜୀବନ ନେଇଥିବାରୁ ହାତୀପଲ ହଣ୍ଡପା ଫେରିଲେ ଛାତିରେ ଛନକା ପଶୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

୧୮ ହଜାର ୮୯୪ ହେକ୍ଟର ବିଶିଷ୍ଟ ହଣ୍ଡପା ରେଞ୍ଜ ଆଖପାଖରେ ରହିଛି ୧୫ଟି ପଞ୍ଚାୟତ। କିନ୍ତୁ କିଛିବର୍ଷ ହେଲା କାଠ ମାଫିଆଙ୍କ ପ୍ରାଦୁର୍ଭାବ ଓ ବନ ବିଭାଗର ବିଫଳତା ଯୋଗୁ ରେଞ୍ଜ ଅଞ୍ଚଳର ଅନେକ ଜଙ୍ଗଲ ପଦା ହେବାକୁ ବସିଲାଣି। ଫଳରେ ରେଢ଼ାଖୋଲ ଜଙ୍ଗଲରୁ ପଳାଇ ଆସୁଥିବା ହାତୀପଲ ହଣ୍ଡପା ଜଙ୍ଗଲରେ ଖାଦ୍ୟାଭାବର ଶିକାର ହୋଇ ଗାଁ ମୁହାଁ ହେଉଛନ୍ତି। ଉକ୍ତ ପଲରେ ଥିବା ଏକ ଦନ୍ତା ୨୦୧୪ ଫେବୃଆରୀ ୨୭ରେ ହଣ୍ଡପା ଗ୍ରାମର ତାରା ବିଶ୍ୱାଳଙ୍କୁ ପାଦରେ ଦଳିଦେଇଥିଲା। ୨୦୧୬ ମେ ୩ରେ ପୁରୁଣାପାଣି ଗ୍ରାମର ଲୋଚନ ପ୍ରଧାନ, ଠେଲକନାଳୀ ଗ୍ରାମର ତରୁଣୀ ଦେହୁରୀଙ୍କୁ କଚାଡି ମାରିଥିଲା। ୨୦୧୭ ଏପ୍ରିଲ ୨୪ରେ କୁଣ୍ଡାଳୀ ଗ୍ରାମର ହାଡିବନ୍ଧୁ ନାଥ, ୨୦୧୯ ଅଗଷ୍ଟ ୧ରେ ପ୍ରତାପପୁର ଗ୍ରାମର ମଞ୍ଜୁଲତା ସାହୁ, ସେପ୍ଟେମ୍ବର ୧୫ରେ ବିଦ୍ୟାଧର ସାହୁ, ଡିସେମ୍ବର ୨୬ରେ ବାଡ୍ରାଖୋଲ ଗ୍ରାମର ବିଚିତ୍ର ବେହେରା, ୨୦୨୦ ମାର୍ଚ୍ଚ ୫ରେ କମରେଇ ଗ୍ରାମର ଦେବକୀ ବେହେରାଙ୍କ ଜୀବନ ନେଇଥିଲା। ସେହିପରି ଏହି ହାତୀପଲ ୧୨୭ଟି ଚାଳ, ଆଜବେଷ୍ଟସ ଘର ଭାଙ୍ଗିରୁଜି ନଷ୍ଟ କରିଛନ୍ତି। ୧୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଶି ୫୯୨ ଏକର ଜମିରେ ଧାନ, ୨୬୫ ଏକର ପରିବା ଚାଷ ଓ ୧୬୦ ଏକରରେ ଲାଗିଥିବା ଆମ୍ବ, କଦଳୀ, ପଣସ ଗଛ ନଷ୍ଟ କରିଛନ୍ତି। ବନ ବିଭାଗ ପକ୍ଷରୁ କାଁ ଭାଁ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ଦିଆଯାଇଥିବା ବେଳେ ଅଧିକାଂଶ ସହାୟତା ପାଇ ନ ଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ବି ହାତୀ ଉପଦ୍ରବରୁ ସୁରକ୍ଷା ଦେବାରେ ବନ ବିଭାଗର ବିଫଳତା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏ ସମ୍ପର୍କରେ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କୁହନ୍ତି, ଲୋକେ ଜଙ୍ଗଲ ନଷ୍ଟ କରୁଥିବାରୁ ହାତୀଙ୍କ ବାସସ୍ଥଳୀ ସହ ଖାଦ୍ୟ ନଷ୍ଟ ହେଉଛି। ଫଳରେ ହାତୀପଲ ଗ୍ରାମାଭିମୁଖୀ ହେଉଛନ୍ତି। ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ କରାଯାଇ ହାତୀ ଘଉଡାଇବାକୁ ପଦକ୍ଷେପ ନିଆଯାଉଛି। ଏଥିସହ କ୍ଷତିପୂରଣ ମଧ୍ୟ ଯୋଗାଇ ଦିଆଯାଉଛି।

### ବନ ବିଭାଗର ବିଫଳତା



ହଣ୍ଡପା ପଞ୍ଚାୟତରେ ଗୋଟିଏ ଦନ୍ତା ହାତୀ ଦୀର୍ଘବର୍ଷ ହେବ ଉପଦ୍ରବ କରୁଛି। ଫସଲ ନଷ୍ଟ, ଘର ଭାଙ୍ଗିବା ସହ ମଣିଷଙ୍କ ଜୀବନ ନେଉଛି। କ୍ଷତିଗ୍ରସ୍ତଙ୍କୁ ଠିକ୍ ଭାବେ କ୍ଷତିପୂରଣ ଦେଇପାରୁ ନ ଥିବା ବନ ବିଭାଗ ଏହା ରୋକିବାରେ ମଧ୍ୟ ବିଫଳ ସାବ୍ୟସ୍ତ ହୋଇଛି।

- ଅମିୟ ପ୍ରଧାନ, ସରପଞ୍ଚ, ହଣ୍ଡପା

### ଟ୍ରାଙ୍କୁଲାଇଜ୍ କରାଯାଉ



ରେଞ୍ଜ ଅଞ୍ଚଳର ଚାଷୀମାନେ ବର୍ଷ ବର୍ଷ ଧରି ଫସଲରେ କ୍ଷତି ସହୁଛନ୍ତି। ବିଶେଷକରି ପରିବା ଚାଷ ସହ କଦଳୀ ବଗିଚା ହାତୀ ନଷ୍ଟ କରୁଛି। କ୍ଷତି ଅନୁଯାୟୀ କ୍ଷତିପୂରଣ ଦିଆଯିବା ସହ ଉକ୍ତ ଦନ୍ତାହାତୀକୁ ଟ୍ରାଙ୍କୁଲାଇଜ୍ କରି ନନ୍ଦନକାନନ ପଠାଯାଉ।

- ପତି ସାହୁ, କଣ୍ଟେଇକୁଳିଆ

### ବହୁ ସମ୍ପତ୍ତି ନଷ୍ଟ ହୋଇଛି



ହାତୀ ଉପଦ୍ରବ ଯୋଗୁ ୬/୭ ବର୍ଷ ମଧ୍ୟରେ ବହୁ ସମ୍ପତ୍ତି ନଷ୍ଟ ହୋଇଛି। ଏ ନେଇ ରେଞ୍ଜ ଅଞ୍ଚଳରେ ଆତଙ୍କ ସୃଷ୍ଟି ହେଉଛି। ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସ୍ଥାୟୀ ସମାଧାନ କଲେ ଅଞ୍ଚଳବାସୀ ଉପକୃତ ହେବେ।

- ଅଜୟ କୁମାର ସାହୁ, ଲକ୍ଷ୍ମୀପ୍ରିୟାପୁର

### ରାତି ଉଜାଗର ହେଉଛନ୍ତି ଚାଷୀ



ହାତୀ ଉପଦ୍ରବ ରୋକିବା ପାଇଁ ବନ ବିଭାଗ ଉପଯୁକ୍ତ ପଦକ୍ଷେପ ନେଉନାହିଁ। ଗ୍ରାମବାସୀ ରାତି ଉଜାଗର ହୋଇ ନିଆଁ ହୁଳା ଧରି ଫସଲ ଜଗୁଥିବା ବେଳେ ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରି ବାଣ କିଣି ଫୁଟାଇବାକୁ ବାଧ ହେଉଛନ୍ତି।

- ସୁନୀଲ ସେଠୀ, ଅଁଳାବେରେଣୀ

### ପାଟ୍ରୋଲିଂର ଅଭାବ



ଏହି ରେଞ୍ଜ ଅଞ୍ଚଳର ଗ୍ରାମଗୁଡ଼ିକରେ ଆବଶ୍ୟକ ମୁତାବକ ମୋବାଇଲ ଟାୱାର ନ ଥିବାରୁ ହାତୀ ଉପଦ୍ରବ ସମୟରେ ବନ ବିଭାଗକୁ ଖବର ଦେଇହେଉ ନାହିଁ। ବନ ବିଭାଗ କର୍ମଚାରୀମାନେ ମଧ୍ୟ ଠିକ୍ ଭାବେ ପାଟ୍ରୋଲିଂ କରୁନାହାନ୍ତି।

- ସୁଜିତ ମହାପାତ୍ର, ରାଜନପାଳ

### ଗାଁରେ ପଶି ଘର ଭାଙ୍ଗୁଛି



ଋଣ କରି ଚାଷ କରିଥିବା ଚାଷୀ କେବଳ ଫସଲରେ କ୍ଷତି ସହୁନାହିଁ ଅନେକ ସମୟରେ ଗାଁରେ ପଶି ହାତୀ ଘର ମଧ୍ୟ ଭାଙ୍ଗି ଦେଉଛି। ଉକ୍ତ ଦନ୍ତାହାତୀକୁ କାବୁ କରି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବହୁବାର ଦାବି ସତ୍ତ୍ୱେ ପଦକ୍ଷେପ ନିଆଯାଉ ନାହିଁ।

- ଅପି ଦେହୁରୀ, ଚାଷୀ

## ୫ ପଜିଟିଭ୍, ୧୪ ସୁସ୍ଥ

**ଅନୁଗୋଳ ଅଫିସ୍, ୨୬।୭**

ଅନୁଗୋଳ ଜିଲାରୁ ରବିବାର ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବଁଅରପାଳ ବ୍ଲକ ଅଞ୍ଚଳରୁ ୪ ଜଣ ଓ ଅନୁଗୋଳ ପୌରପାଳିକା ଅଞ୍ଚଳରୁ ଜଣେ ରହିଛନ୍ତି। ଏଥିସହ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୫୯ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ବଁଅରପାଳ ବ୍ଲକରୁ ୨ ଜଣ ପୁରୁଷ ଓ ଜଣେ ମହିଳା ଅନ୍ୟ ସଙ୍କ୍ରମିତଙ୍କ ସଂସ୍ପର୍ଶରେ ଆସିଛନ୍ତି। ଅନ୍ୟ ଜଣେ ପୁରୁଷ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ପଜିଟିଭ୍ ବାହାରିଛି। ଅନୁଗୋଳ ପୌରପାଳିକା ଅଞ୍ଚଳର ଜଣେ ପୁରୁଷ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି। ୪ ଜଣଙ୍କୁ ରବିବାର ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ ବିଶୋଧନ ସହ କଣ୍ଟାକ୍ଟ ଟ୍ରେସିଂ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାର ୧୪ ସଂକ୍ରମିତ ସୁସ୍ଥ ହୋଇ କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ୧୬୩ରେ ପହଞ୍ଚିଛି ସୂଚନା ଦିଆଯାଇଛି।

## ଦୋକାନ ଖୋଲା, ମାମଲା ରୁଜୁ

**ଛେଣ୍ଡିପଦା,୨୬।୭(ସ୍ୱ.ପ୍ର.):** ଶନିବାର ରବିବାର ଅନୁଗୋଳରେ ଶଟ୍‌ଡାଉନ ଜାରି ଥିବାବେଳେ ଓଗୀ ଗ୍ରାମର ଅନ୍ତର୍ଯ୍ୟାମୀ ସାହୁ ଓ ବାରୁ ସାହୁ ତାଙ୍କ ଦୋକାନ ଖୋଲିଥିବାରୁ ଜରିମାନା ଗଣିଛନ୍ତି। ଜରପଡା ପୋଲିସ ପାଟ୍ରୋଲିଂ ବେଳେ ଦୋକାନ ଖୋଲା ଥିବା ଦେଖିବାକୁ ପାଇଥିଲେ। ଏ ନେଇ ନଂ. ୧୬୬/୨୦ ଓ ୧୬୭/୨୦ରେ ଦୁଇଟି ମାମଲା ରୁଜୁ କରାଯାଇଛି।

# ଫାଣ୍ଡି ଅଧିକାରୀଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ

**ପରଜଙ୍ଗ, ୨୬।୭(ଡି.ଏନ.ଏ.)**

- ଲୁଟ୍ ପାଇଁ କରୁଥିଲେ ଯୋଜନା
- ବାଇକ୍ ଜବତ, ଅଭିଯୁକ୍ତ ଫେରାର

୧୪୯ନଂ ଜାତୀୟ ରାଜପଥରେ ଲୁଟ୍ ପାଇଁ ଯୋଜନା କରୁଥିବା ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣରେ ଗୁରୁତର ହୋଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧିକାରୀ ଏସ୍‌ଆଇ ସୌମ୍ୟରେନ୍ଦ୍ର ସାମଲ ଏବଂ କନଷ୍ଟେବଳ ଦୀପକ କୁମାର ପାଳ। ଅଭିଯୁକ୍ତମାନେ ଏନ୍‌ଏଚ୍‌ରେ ଲୁଟ୍‌ପାଟ କରିବାକୁ ଯୋଜନା କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାସ୍ଥଳରୁ ପୋଲିସ ଏକ ବାଇକ୍ (ନଂ.ଓଡି ୩୫ ଡି ୧୪୯୭) ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

ଫାଣ୍ଡି ଅଧିକାରୀଙ୍କ କହିବା କଥା, ଶନିବାର ରାତି ପ୍ରାୟ ୧୦ଟାରେ ସେ ଏବଂ କନଷ୍ଟେବଳ ଦୀପକ ପୋଲିସ ଗାଡ଼ିରେ ପରଜଙ୍ଗ ଥାନାରୁ ବାହାରି ୧୪୯ନଂ. ଜାତୀୟ ରାଜପଥରେ ଦଦରାଘାଟି ରାସ୍ତାଦେଇ ମହାବିରୋଡ୍ ଫାଣ୍ଡିକୁ ଯାଉଥିଲେ। ଭେଜିଆ ଛକ ନିକଟରେ ରାସ୍ତା ଉପରେ ୩ଜଣ ବାଇକ୍ ରଖି ଛିଡ଼ା ହୋଇଥିବା ଦେଖି ସେ ଗାଡ଼ି ଅଟକାଇଥିଲେ। ପୋଲିସ ଗାଡ଼ି ଦେଖି ଅଭିଯୁକ୍ତମାନେ ବାଇକ୍‌ରେ ପଳାଉଥିବାବେଳେ ଫାଣ୍ଡି ଅଧିକାରୀ ଗାଡ଼ି ଚାବି ଛଡ଼ାଇ ନେଇଥିଲେ। ଏହି ସମୟରେ ଜଣେ ଅଭିଯୁକ୍ତ ଲୁହା ପାଇପ୍‌ରେ ଦୀପକଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଫାଣ୍ଡି ଅଧିକାରୀଙ୍କୁ ନିସ୍ଥୁକ ପିଟିଥିଲେ। ସେହି ସମୟରେ ରାସ୍ତାରେ କେତେଗୁଡ଼ିଏ ଟ୍ରକ୍ ଆସିଯିବାରୁ ଦୁର୍ବୃତ୍ତମାନେ ବାଇକ୍ ଛାଡ଼ି ଜଙ୍ଗଲକୁ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଏ ସମ୍ପର୍କରେ ଦଦରାଘାଟି ଫାଣ୍ଡିକୁ ଅବଗତ କରାଇଥିଲେ। ଏହାପରେ ଉଭୟଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଉଭୟେ ଡାକ୍ତରଖାନାରୁ ଫେରିଛନ୍ତି।

## 'ସୀମା ସମସ୍ୟା ଏକ ଆହ୍ୱାନ'

**ଅନୁଗୋଳ ଅଫିସ୍, ୨୬।୭:** କାରଗିଲ ଶହୀଦ୍ ମାନସ ରଞ୍ଜନ ସ୍ମୃତି ପରିଷଦ ପକ୍ଷରୁ ରବିବାର କାରଗିଲ ବିଜୟ ଦିବସ ଅବସରରେ ଏକ ଅନ୍‌ଲାଇନ୍ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଭାରତର ସୀମା ସମସ୍ୟା ଏକ ଆହ୍ୱାନ ଶୀର୍ଷକରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଖମାର ଗୋପବନ୍ଧୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ଦେଶର ସୁରକ୍ଷା ଉପରେ ମତ ରଖିଥିଲେ। ସ୍ୱାଭିମାନ ମଞ୍ଚର ଆବାହକ ଭୂପେଶ ଚନ୍ଦ୍ର ପ୍ରଧାନ ଚାଇନାର ବିସ୍ତାରବାଦୀ ମନୋବୃତ୍ତି ଭାରତ ପାଇଁ ବିପଦ ସୃଷ୍ଟି କରିଛି ବୋଲି କହିଥିଲେ। ଆଡ୍‌ଭୋକେଟ ରାଜକିଶୋର ମହାରଣା, ଡ. ଦିଲୀପ ସାମଲ ପ୍ରମୁଖ ଶହୀଦ ମାନସ ରଞ୍ଜନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଷଦ ପକ୍ଷରୁ ପ୍ରତାପ ମହାପାତ୍ର ଓ ବିଶ୍ୱରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଫଟୋରେ ଖବର



ଅନୁଗୋଳ ସହର ନିକଟସ୍ଥ ତୁରଙ୍ଗ ଗ୍ରାମର ଏକ ଖୋଲା କୂଅରୁ ୬ଟି ଡମଣା ସାପ ଛୁଆ ଉଦ୍ଧାର କରାଯାଉଛି।

# ଡ୍ରାଇଭର ଗିରଫ, ଟ୍ରକ୍ ଜବତ

**ଢେଙ୍କାନାଳ ଅଫିସ, ୨୬।୭**

**ଜବତ ଟ୍ରକ୍ ଛଡ଼ାଇନେବା ମାମଲା**

ଢେଙ୍କାନାଳ ସଦର ତହସିଲ ଅନ୍ତର୍ଗତ ନାଠୁଆ ନିକଟରୁ ସଦର ତହସିଲଦାର ଲକ୍ଷ୍ମୀଧର ରାଉତଙ୍କୁ ଧମକାଇ ଜବତ ପଥର ବୋଝେଇ ଟ୍ରକ୍ ଛଡ଼ାଇନେବା ମାମଲାରେ ପୋଲିସ ସୋଗରପଶି ଗ୍ରାମର ଡ୍ରାଇଭର ପ୍ରକାଶ ବେହେରାଙ୍କୁ ଗିରଫ କରିବା ସହ ଟ୍ରକ୍ ଜବତ କରିଛି। ତେବେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନେ ଗିରଫ ନ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର କୁହନ୍ତି, ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ଉଦ୍ୟମ ଜାରି ରହିଛି। ମୁଖ୍ୟ ଅଭିଯୁକ୍ତ ଜଣେ ମହିଳା ହୋଇଥିବାରୁ ରାତିରେ ଗିରଫ କଲେ କୋର୍ଟଙ୍କ ଅନୁମତି ଆଣିବାକୁ ପଡ଼ିବ। ତେଣୁ ତାଙ୍କୁ ଦିନବେଳା ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ତହସିଲଦାର କହିଛନ୍ତି, କେବଳ ଗାଡିଚାଳକଙ୍କୁ ଧରିଲେ କିଛି ଲାଭନାହିଁ। ଯେଉଁମାନେ ଧମକଚମକ ଦେଇ ଗାଡ଼ି ଛଡ଼ାଇ ନେଇଥିଲେ ସେମାନଙ୍କୁ ଗିରଫ କରାଯାଇନାହିଁ। ସୂଚନାଯୋଗ୍ୟ, ଗତ ୧୯ ତାରିଖ ରାତିରେ ତହସିଲଦାର ଏବଂ ରାଜସ୍ୱ ଅଧିକାରୀମାନେ ପଥର ଚାଲାଣ କରୁଥିବା ଉକ୍ତ ମିନିଟ୍ରକ୍‌କୁ ଜବତ କରିଥିଲେ। ଗାଡ଼ିକୁ କାର୍ଯ୍ୟାଳୟକୁ ଆଣିବା ବେଳେ ଜଣେ ମହିଳା କେତେଜଣ ଲୋକଙ୍କ ସହାୟତାରେ ଅଧିକାରୀଙ୍କୁ ଧମକଚମକ ଦେଇ ଟ୍ରକ୍ ଛଡ଼ାଇ ନେଇଥିଲେ। ଏ ନେଇ ତହସିଲଦାର ଯୋରନ୍ଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ତହସିଲଦାରଙ୍କୁ ଜେରା କରିଥିଲା। ଏ ନେଇ ରବିବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ପୋଲିସ ତନାଘନା ଆରମ୍ଭ ହୋଇଛି।

## ନିର୍ଯାତନା ଅଭିଯୋଗ

**ବଇଣ୍ଡା, ୨୬।୭(ଡି.ଏନ.ଏ.):** ହଣ୍ଡପା ଥାନା ବଣିନାଳୀ ଗ୍ରାମର ବବିତା ସାହୁ(୩୪)ଙ୍କୁ ତାଙ୍କ ସ୍ୱାମୀ ଜରପଡା ଥାନା ବିମ୍ବଲବେଡା ଗ୍ରାମର ଦୁଷ୍ମନ୍ତ ପ୍ରଧାନ ଓ ଶ୍ୱଶୁର ଦୁର୍ଗାଚରଣ ପ୍ରଧାନ ଯୌତୁକ ଦାବି କରି ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୧୬୧/୨୦ରେ ଏକ ମାମଲା ରୁଜୁ କରିଛି। ବିବାହ ପରଠାରୁ ତାଙ୍କୁ ଶାଶୁ ଘର ଲୋକେ ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦେଉଥିବା ବବିତା ଅଭିଯୋଗରେ ଦର୍ଶାଇଛନ୍ତି।

# କୋଇଲା ଟ୍ରକ୍, କାର୍ ଜବତ: ୫ ଗିରଫ

**ଢେଙ୍କାନାଳ ଅଫିସ, ୨୬।୭:** ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥର କଣ୍ଟାନାଳୀ ବାଇପାସ୍‌ଠାରୁ ଟାଉନ୍ ଥାନା ପୋଲିସ ଏକ ଚୋରା କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର୍ ୦୫ ଏଏନ୍ ୯୮୬୮) ଏବଂ ଗାଡ଼ିକୁ ବାଟ କଢ଼ାଇ ନେଉଥିବା କାର୍ (ନଂ. ଓଡ଼ି ୦୫ ଏକ୍ୟୁ ୪୫୭୫) ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ କଟକ ଜିଲା ଆଠଗଡ଼ ଥାନା ତଳଖମାର ବିଶ୍ୱଭୂଷଣ ଦଳେଇ, ଆଠଗଡ଼ ଉପରସାହିର ସନାତନ ରାଉତରାୟ, ଆଠଗଡ଼ କରକମଳର ସୁନୀଲ କୁମାର ସ୍ୱାଇଁ, ରାଜ କିଶୋର ସ୍ୱାଇଁ, ଖୁଣ୍ଟୁଣୀ ଥାନା ତୋଟାପଡ଼ାର ନିରଞ୍ଜନ ଦାସ ଗିରଫ ହୋଇଛନ୍ତି। ଟ୍ରକ୍‌ରୁ ୨୨ଟନ୍ କୋଇଲା ଜବତ କରାଯାଇଛି। ଏହାକୁ ତାଳଚେରରୁ କଟକର ମଙ୍ଗୁଳି ଚାଲାଣ କରାଯାଉଥିଲା। ନଂ. ୩୦୬/୨୦ରେ ମାମଲା ରୁଜୁ କରାଯାଇଥିବା ଟାଉନ ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

# ଲୋଭୀ ଠାକୁରାଣୀଙ୍କ ନୂଆଁଖାଇ ପର୍ବ

**ବଁଅରପାଳ, ୨୬।୭(ଡି.ଏନ.ଏ.)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀଙ୍କର ପବିତ୍ର ନୂଆଁ ଖାଇ ପର୍ବ ରବିବାର ପାଳିତ ହୋଇଯାଇଛି। ସକାଳେ ବାଦ୍ୟବାଜଣା ସହକାରେ ଅଳ୍ପ ସଂଖ୍ୟକ ଲୋକ ସାମାଜିକ ଦୂରତ୍ୱ ରଖି ତୁଳସୀପାଳ ଗ୍ରାମରୁ ମା'ଙ୍କ ଆଲମକୁ ଗଡ଼ସନ୍ତ୍ରୀସ୍ଥିତ ପୀଠସ୍ଥଳକୁ ଆଣିଥିଲେ। ପରେ ମା'ଙ୍କ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା। ବହୁ ଛୋଟ ଶିଶୁଙ୍କ ମୁଣ୍ଡନ ହେବା ସହ କେତେକ ଶ୍ରଦ୍ଧାଳୁ ମାନସିକ ରଖି ଅଧିଆ ପଡ଼ିଥିଲେ। ଏହି ଅବସରରେ ଦେବୀଙ୍କ ନିକଟରେ ନୂଆ ଫଳ ଲାଗି ହୋଇଥିଲା। ମା'ଙ୍କ ପୀଠରେ ଶ୍ରାବଣ ମାସରେ ନୂଆଁଖାଇ ପର୍ବ ଓ କାର୍ତ୍ତିକ ମାସରେ ବଡ଼ ଯାତ୍ରା ପାଳିତ ହୋଇଥାଏ। ଉଭୟ ଗ୍ରାମର ବାସିନ୍ଦା ଏହି ପର୍ବ ପାଳନ କରିଥିଲେ।

# ଗଁଡିଆ ବ୍ଲକ ଅଫିସରେ ପଶିଲା କରୋନା

**ଢେଙ୍କାନାଳ ଅଫିସ, ୨୬।୭**

- ୭୨ ଘଣ୍ଟା କଣ୍ଟେନମେଣ୍ଟ ଜୋନ୍‌ରେ କାର୍ଯ୍ୟାଳୟ
- ପୋରୁହଖୋଜ ସମେତ ୪ ପଞ୍ଚାୟତ ଶଟ୍‌ଡାଉନ
- ଦିନକରେ ବାହାରିଲେ ୧୫ ପଜିଟିଭ୍, ୭ ସୁସ୍ଥ



ଢେଙ୍କାନାଳ ଜିଲା ଗଁଡିଆ ବ୍ଲକ ଅଫିସରେ କରୋନା ପଶିଛି। ୨ ବୈଷୟିକ କର୍ମଚାରୀ ଏବଂ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବାପରେ କାର୍ଯ୍ୟାଳୟକୁ ୨୭ ତାରିଖ ସକାଳ ୭ଟାରୁ ୩୦ ତାରିଖ ସକାଳ ୭ଟା ଯାଏ ୭୨ ଘଣ୍ଟା ପାଇଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏମାନଙ୍କୁ ବାଦ୍ ଦେଲେ ଜିଲାରୁ ଗୋଟିଏ ଦିନରେ ୧୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭୁବନ ବ୍ଲକ ମହୁଲପାଳ ଅଞ୍ଚଳରୁ ୫, ବେଡ଼ାପାଳ ସଙ୍ଗରୋଧ କେନ୍ଦ୍ରରୁ ଜଣେ, ଏନ୍‌ଏସିରୁ ୨, ଗଁଡିଆ ବ୍ଲକ ଅଞ୍ଚଳରୁ ୨, ଓଡ଼ାପଡ଼ା ବ୍ଲକ ନାଧରା ଅଞ୍ଚଳରୁ ଜଣେ ଏବଂ ସଦର ବ୍ଲକ ଚନ୍ଦ୍ରଶେଖରପ୍ରସାଦ ଅଞ୍ଚଳରୁ ଜଣେ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୩ ଜଣ ଯଥାକ୍ରମେ ତେଲେଙ୍ଗାନା, କଟକ ଏବଂ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରୁ ଫେରିଥିଲେ। ସେହିପରି ଜିଲା ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିବା ଆଣ୍ଟିଜେନ୍ ଟେଷ୍ଟରୁ ୩ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଅନ୍ୟ ୯ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ଜଣଙ୍କୁ କଟକ ଅଶ୍ୱିନୀ ହସ୍ପିଟାଲ ଏବଂ ଅନ୍ୟମାନଙ୍କୁ ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଅପରପକ୍ଷେ ଜିଲାରେ ସଂକ୍ରମଣ ବଢୁଥିବାରୁ ବିଭିନ୍ନ ପଞ୍ଚାୟତରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଗଁଡିଆ ବ୍ଲକ କାର୍ଯ୍ୟାଳୟକୁ ଲାଗିଥିବା ପୋରୁହଖୋଜ ପଞ୍ଚାୟତକୁ ୨୭ ତାରିଖରୁ ଆସନ୍ତା ଅଗଷ୍ଟ ୨ ଯାଏ ସକାଳ ୭ଟାରୁ ରାତି ୯ଟା ଯାଏ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ସେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହିପରି ଓଡ଼ାପଡ଼ା ବ୍ଲକର ଓଡ଼ାପଡ଼ା, ନାଧରା ଏବଂ ବାଙ୍ଗୁରସିଂହ ପଞ୍ଚାୟତକୁ ସୋମବାରଠାରୁ ବୁଧବାର ଯାଏ, ଭୁବନ ବ୍ଲକ ବେଡ଼ାପାଳ ପଞ୍ଚାୟତ ହାଇସ୍କୁଲ ପରିସରକୁ ୨୬ ତାରିଖ ସକାଳ ୭ଟାରୁ ୨୮ ତାରିଖ ସକାଳ ୭ଟା ଯାଏ, ଭୁବନ ଏନ୍‌ଏସିର ୧ନଂ. ଗୋଡ଼ିପୋଖରୀ ଛକଠାରୁ ଲତାବିଲ ଏବଂ ପାଲାମଣ୍ଡପ ଅଞ୍ଚଳକୁ ରବିବାରଠାରୁ ଗୁରୁବାର ଯାଏ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଆକ୍ରାନ୍ତମାନେ ରହୁଥିବା ସରକାରୀ କାର୍ଯ୍ୟାଳୟ, ସଙ୍ଗରୋଧ କେନ୍ଦ୍ର, ଘର ସଂଲଗ୍ନ ଅଞ୍ଚଳକୁ ବିଶୋଧନ କରାଯାଇଛି। ଜିଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୬୫ରେ ପହଞ୍ଚିଛି। ରବିବାର ୭ଜଣ ସୁସ୍ଥ ହୋଇ ଫେରିଛନ୍ତି। ଏବେ ସୁଦ୍ଧା ୧୦୫ଜଣ କରୋନାମୁକ୍ତ ହୋଇସାରିଥିବାବେଳେ ୬୦ ସକ୍ରିୟ ମାମଲା ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

